**ଏସଏଚ୍. ମାହେଶ୍ୱରୀ ବରିଷ୍ଠ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଅନ୍ୟଜଣେ**

**ବନାମ**

**ଭିଖା ରାମ ଶର୍ମା ଏବଂ ଅନ୍ୟମାନେ**

**ଫେବୃଆରୀ 12, 1996**

**[କେ. ରାମାସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]**

*ସେବା ଆଇନ:*

*କାମଚଳା ଭିତ୍ତିରେ ନିଯୁକ୍ତି — ପଦବୀର ଉଚ୍ଛେଦ — ପରବର୍ତ୍ତୀ ସମୟରେ ସେବାର ସମାପ୍ତି — ନ୍ୟାୟାଧିକରଣ ଏବଂ ଉଚ୍ଚ ନ୍ୟାୟାଳୟଙ୍କ ମତରେ ଏହି ସମାପ୍ତି ନିୟମାବଳୀ ଅନୁଯାୟୀ ହୋଇନାହିଁ — ଏହା ନିର୍ଣ୍ଣୟ ନିଆଯାଇଥିଲା ଯେ, ପଦବୀ ଉଚ୍ଛେଦ ହେବା ମାତ୍ରେ, ଉକ୍ତ ପଦବୀରେ ଥିବା ବ୍ୟକ୍ତିଙ୍କର କାର୍ଯ୍ୟକାଳ ପଦବୀ ଉଚ୍ଛେଦ ତାରିଖରୁ ସମାପ୍ତ ହୋଇଯାଏ — ତେଣୁ ସେବାର ସମାପ୍ତି ବୈଧ ଅଟେ — ନିୟମାବଳୀ ଅନୁଯାୟୀ କୌଣସି ତଦନ୍ତ କରିବାର ପ୍ରଶ୍ନ ଉଠୁନାହିଁ ।*

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାରିତା: ଦେୱାନୀ ଅପିଲ ସଂଖ୍ୟା 3645/1996 ।

ଡି.ବି.ସି.ଏସ୍.ଏ. (ଆଜ୍ଞାଦେଶ) ସଂଖ୍ୟା 482/1995 ରେ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟଙ୍କ 29.8.95 ତାରିଖର ରାୟ ଏବଂ ଆଦେଶରୁ ଅପିଲ ।

ଅପିଲକାରୀମାନଙ୍କ ତରଫରୁ ଏମ୍.ସି. ଭଣ୍ଡାରେ, ବିପିନ ଗୋଗିଆ, ସୁଶୀଲ କେ. ଜୈନ୍ ଏବଂ ଏ.ପି. ଦାମିଜା ।

ଉତ୍ତରଦାତାମାନଙ୍କ ତରଫରୁ ରାଜେଶ ଶ୍ରୀବାସ୍ତବ, ଉଜ୍ଜ୍ୱଳ ବାନାର୍ଜୀ, ଏଚ୍.କେ. ପୁରୀ ଏବଂ ଏସ୍.ପି. ଲେଙ୍କା ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ମଞ୍ଜୁରୀ ପ୍ରଦାନ କରାଗଲା ।

ଡି.ବି. ବିଶେଷ ଅପିଲ (ଆଜ୍ଞାଦେଶ) ସଂଖ୍ୟା 492/95 ରେ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଦିଆଯାଇଥିବା ଆଦେଶରୁ ବିଶେଷ ଅନୁମତି ମାଧ୍ୟମରେ ଏହି ଅପିଲଟି ଉତ୍ପନ୍ନ ହୋଇଛି । ଏଠାରେ ସଂକ୍ଷିପ୍ତ ପ୍ରଶ୍ନଟି ହେଉଛି: ଯେଉଁ ପଦବୀଟି ଉଚ୍ଛେଦ ହୋଇସାରିଛି, ସେହି ପଦବୀରେ ଉତ୍ତରଦାତାଙ୍କୁ କାର୍ଯ୍ୟ ଜାରି ରଖିବା ପାଇଁ ଅନୁମତି ଦିଆଯାଇପାରିବ କି? ଏହା ବିବାଦରେ ନାହିଁ

ଯେ, ଉତ୍ତରଦାତାଙ୍କୁ 1992 ମସିହା ଜୁଲାଇ 15 ତାରିଖରୁ *କାମଚଳା* ଭିତ୍ତିରେ ଜଣେ ଷ୍ଟେନୋ-ଟାଇପିଷ୍ଟ ଭାବେ ନିଯୁକ୍ତି ଦିଆଯାଇଥିଲା । ସେ କାର୍ଯ୍ୟରତ ଥିବା ସମୟରେ, ପରିଚାଳନା କମିଟି 1994 ମସିହା ମେ 21 ତାରିଖରେ ଏକ ସଂକଳ୍ପ ପତ୍ର ପାରିତ କରି ଦର୍ଶାଇଥିଲେ ଯେ, ଷ୍ଟେନୋ-ଟାଇପିଷ୍ଟର ଏହି *କାମଚଳା* ପଦବୀକୁ ଜାରି ରଖିବାର କୌଣସି ଆବଶ୍ୟକତା ନାହିଁ । ଫଳସ୍ୱରୂପ, ଉକ୍ତ ପଦବୀଟିକୁ ଉଚ୍ଛେଦ କରାଯାଇଥିଲା । ଏହାପରେ, 1994 ମସିହା ମେ 31 ତାରିଖରେ ସେବା ସମାପ୍ତି ପାଇଁ ଆକ୍ଷେପିତ ଆଦେଶଟି ପାରିତ ହୋଇଥିଲା । ଯେତେବେଳେ ଅପିଲକାରୀମାନେ ନ୍ୟାୟାଧିକରଣ ଏବଂ ପରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେଲେ, ଉଚ୍ଚ ନ୍ୟାୟାଳୟ ଏହି ଉପସଂହାରରେ ପହଞ୍ଚିଥିଲେ ଯେ, ସେବାର ସମାପ୍ତି ନିୟମାବଳୀ ଅନୁଯାୟୀ ହୋଇନଥିଲା ଏବଂ ନିୟମାବଳୀ ଅନୁସାରେ ଏକ ତଦନ୍ତ କରି ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଆପଣାଯାଇଥିବା ଏହି ଆଭିମୁଖ୍ୟ ସମ୍ପୂର୍ଣ୍ଣ ଭ୍ରମାତ୍ମକ ଅଟେ । ଏହା ଏକ ସ୍ଥିରୀକୃତ ଆଇନ ଯେ, ପଦବୀ ଉଚ୍ଛେଦ ହେବା ମାତ୍ରେ, ସେହି ପଦବୀରେ ଥିବା କର୍ମଚାରୀଙ୍କ କାର୍ଯ୍ୟକାଳ ପଦବୀ ଉଚ୍ଛେଦ ତାରିଖରୁ ସମାପ୍ତ ହୋଇଯାଏ । ଯେହେତୁ ଉତ୍ତରଦାତାଙ୍କ ସେବାର ସମାପ୍ତି କେବଳ ପଦବୀ ଉଚ୍ଛେଦ କାରଣରୁ ହୋଇଛି, ତେଣୁ ନିୟମାବଳୀ ଅନୁଯାୟୀ କୌଣସି ତଦନ୍ତ କରିବାର ପ୍ରଶ୍ନ ହିଁ ଉଠୁନାହିଁ ।

ତଦନୁସାରେ ଅପିଲଟିକୁ ମଞ୍ଜୁରୀ ଦିଆଯାଉଛି । କୌଣସି ଖର୍ଚ୍ଚ ନାହିଁ ।

ଜି.ଏନ୍. ଅପିଲଟିକୁ ମଞ୍ଜୁରୀ ଦିଆଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

*<u>ଭାଷାନ୍ତର :</u>*

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**